# Akashvani, Sambalpur

## SAMBALPURI NEWS EVENING BULLETIN

**13 October 2024- 7.02 pm- 7.12 pm.**

*********************************************

୧- ରାଏଜେ ମଣ୍ଡପ୍‌ମାନ୍‌କୁ ଆଏଜ୍ ମନାଯାଇଛେ ବିଜୟା ଦଶ୍‌ମୀ ।

- ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍‌ନୁ ମୁଲ୍ ହେବା କାର୍ତ୍ତିକ ନୀତି ।

- କେନ୍ଦୁଝର୍ ନ ପୂଜା ମଣ୍ଡପ୍ ବୁଲ୍‌ଲେ ମୁଖ୍ୟମନ୍ତ୍ରୀ ।

୨- ସମ୍ବଲ୍‌ପୁରେ ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଇଙ୍କର୍ ଦର୍ଶନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ପଶ୍ଚିମ ଓଡ଼ିଶାର୍ ଜାଗା ଜାଗା ହେଉଛେ ବଏଲ୍ ଯାତ୍ରା ଆର୍ ରାବଣ୍‌ପୁଡ଼ି ।

୩- ୨/୪ ଦିନ୍ ଭିତ୍‌ରେ ଆଏବା ପୁରୀ ଶ୍ରୀମନ୍ଦିର୍ ଜିପିଆର୍ ସର୍ଭେ ରିପୋର୍ଟ- ସୂଚ୍‌ନା ଦେଲେ ଆଇନ୍‌ମନ୍ତ୍ରୀ ।

ଆଉର୍

୪- ରାଏଜ୍‌କୁ ଆଏବା ମଙ୍ଗଲ୍‌ବାର୍‌ତକ୍ ଫିର୍‌ବା ଦକ୍ଷିଣ ପଶ୍ଚିମ ମୌସୁମୀ ।

- ଇ ବଛର୍ ରାଏଜେ ହେଇଛେ ସ୍ୱାଭାବିକ୍‌ନୁ ୫ ପ୍ରତିଶତ୍ କମ୍ ବର୍ଷା ।

ଦୁର୍ଗାପୂଜା- ଦଶ୍‌ମୀ ଆର୍‌ଏନ୍‌ୟୁ / କଟକ୍

ଦୁର୍ଗତିନାଶିନୀଙ୍କର୍ ଆବାହନ୍‌ଥି ରାଜ୍ୟର୍ ପୂଜା ମଣ୍ଡପ୍ ମାନ୍‌କେ ଆଏଜ୍ ଦଶ୍‌ମୀ ପୂଜା ରୀତିନୀତି ସହେତେ କରାଯାଉଛେ । ଗଲାକାଏଲ୍ ଶକ୍ତିପୀଠମାନ୍‌କେ ଦଶ୍‌ମୀ ପୂଜା ହେଇଥିବାର୍ ବେଲେ ଆଏଜ୍ ବିଶ୍ରାମ୍ ନୀତି କରାଯାଉଛେ । ପୁରୀ ଶ୍ରୀମନ୍ଦିର୍ ନ ବିଜୟାଦଶ୍‌ମୀ ଅବ୍‌ସରେ ମାହାପୁରୁ ଭକ୍ତମାନ୍‌କୁ ସୁନାବେଶଥି ଦର୍ଶନ୍ ଦେଉଛନ୍ । ମାହାପୁରୁମାନ୍‌କୁ ସୁନା ଅଲଙ୍କାର୍‌ଥି ସଜାଯିବାର୍ ସଙ୍ଗେ ଭିନ୍ ଭିନ୍ ଆୟୁଧ ଲାଗି କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କେନ୍ଦୁଝର୍ ନ ପୂଜା ମଣ୍ଡପ୍‌ମାନ୍‌କୁ ଯାଇକରି ମା ଦୁର୍ଗାଙ୍କର୍ ଦର୍ଶନ୍ କରିଛନ୍ । ମୁଖ୍ୟମନ୍ତ୍ରୀ ତାକର୍ ନିଜର୍ ଗାଁ ରାଇକଲା ନ ଦେବୀଙ୍କର୍ ପୂଜାଥି ସାମିଲ୍ ହେଇଥିଲେ ।

ପଶ୍ଚିମ ଓଡ଼ିଶା - ଦଶରା ସମ୍ବଲପୁର/ ନୂଆପଡ଼ା/ ବୌଦ୍ଧ/ ସୁବର୍ଣ୍ଣପୁର/ ଝାରସୁଗୁଡ଼ା/ ବର୍‌ଗଡ଼/ ଦେବ୍‌ଗଡ଼ ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ନ ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଦର୍ଶନ୍ କର୍‌ବାର୍ ସହେତେ ଭିନ୍ ଭିନ୍ ପୂଜା ମଣ୍ଡପ୍‌କେ ଯାଇକରି ଦେବୀଙ୍କର୍ ଆରାଧନା କରିଛନ୍ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍,

(ଭଏସ୍ ଓଭର୍- ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ )

ସମ୍ବଲ୍‌ପୁର୍ ମହାନଦୀର୍ ଦଲେଇପଡ଼ା ଘାଟ୍ ଆର୍ ମନ୍ଧିଲିଆ ପଡ଼ିଆ ନ ଆଏଜ୍ ରାବଣ୍‌ପୁଡ଼ି ଉତ୍ସବ୍ ହେଇଛେ ।

ଦଶ୍‌ରା ପରବ୍ ଅବ୍‌ସରେ ଗଲାକାଏଲ୍ ରାତି ନୂଆପଡ଼ା ଜିଲ୍ଲାର୍  ଖଡ଼ିଆଲ୍ ନ ଜୁଡ଼ା ବଏଲ୍ ଯାତ୍ରା ହେଇଥିଲା । ୨ ଶହ ୪ ବଛର୍ ପୁର୍‌ନା ଇ ବଏଲ୍ ଯାତ୍ରାଥି ମା ରକ୍ତାମ୍ବରୀ ଆର୍ ମା ସମଲେଶ୍ୱରୀଙ୍କର୍ ଛତର୍ ବାହାରିଥିଲା ।

ବୌଦ୍ଧ ଜିଲ୍ଲା ନ ପୂଜାମଣ୍ଡପ୍ ମାନ୍‌କୁ ଦୁର୍ଗାସ୍ତବ ପାଠ ସାଙ୍ଗେ ପୂଜା ଚାଲିଛେ । ଇଥର ତିଲେଶ୍ୱର୍ ଦୁର୍ଗାପୂଜା ମଣ୍ଡପ୍‌କେ ବର୍ଜ୍ୟବସ୍ତୁ ବେଭାର୍ କରିକରି କୈଲାସ୍‌ଗିରି ଗୁମ୍ଫା ବାଗିର୍ ସଜାଯାଇଛେ । ବାଉଁଶୁଣି ନ ରାବଣ୍ ଦର୍‌ବାର୍ ଚାଲିଥିବାର୍ ବେଲେ ଫି’ ଦିନ ସଞ୍ଜ୍‌ବେଲା ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଉଛେ ।

ବର୍‌ଗଡ଼୍ ଜିଲ୍ଲାର୍ ସୋହେଲା ଦଶ୍‌ରା ମହୋତ୍ସବ୍‌ଥି ଆଏଜ୍ ଉପର୍‌ବେଲା ରାବଣ୍‌ପୁଡ଼ି କାର୍ଯ୍ୟକ୍ରମ୍ ହେଇଛେ । ହେଥି ସୋହେଲାର୍ ଆଖର୍‌ପାଖର୍ ଇଲାକାନୁ ହଜାର୍ ହଜାର୍ ଲୋକ୍ ସାମିଲ୍ ହେଇଥିଲେ । ଜିଲ୍ଲାର୍ ଶକ୍ତିପୀଠମାନ୍‌କୁ ଗଲାକାଏଲ୍

ଦଶ୍‌ମୀ ପୂଜା ହେଇଥିବାର୍ ବେଲେ ହାଟ୍‌ପଦା ନ ରାବଣ୍‌ପୁଡ଼ି ଉତ୍ସବ୍ ହେଇଥିଲା । ସେନ୍ତା ବର୍‌ଗଡ଼୍ ଜିଲ୍ଲାର୍ କୁରୁଆଁ ନ ଥିବାର୍ ଉମା ମାହେଶ୍ୱରୀ ପୀଠ ନ ପୁଓଁଜିଉଁତିଆନୁ ଚାଲିଥିବା ଷୁଲ୍‌ହ ପୂଜା ଗଲାକାଏଲ୍ ବିସର୍ଜନ୍ ହେଇଛେ । ଇ ଅବ୍‌ସରେ ଦଁତା ନଦୀ ଖଁଡ଼ି ମା ମାହେଶ୍ୱରୀ ବାଉଟି, ବୁଢ଼ାରଜା, ଦୁର୍ଗା, ନାରାୟଣୀ, ଖମ୍ଭେଶରୀ, ଭୁବନେଶ୍ୱରୀ, ପରମେଶ୍ୱରୀ, ଭଗବତୀ, ଦଶମତୀଙ୍କର୍ ସହେତେ ୩୩ କୋଟି ଦେ'ଦେବ୍‌ତାଙ୍କର୍ ସନ୍ଧିପୂଜା ହେଇଥିଲା । ନଦୀ ନ ମା'ଙ୍କର୍ ସାଲ୍‌କାସ୍ନାନ କରାଯାଇଥିଲା । ଫିର୍‌ଲା ବାଟେ ଗାଁ ମୁଡ଼୍‌ସା ନ ମା ମାହେଶ୍ୱରୀ, ସୁରାପାନ କରିଥିବାର୍ ବେଲେ ସାଲ୍‌କାବାଡ଼ି ଗାଁ କରିକ୍ରମା କରିଥିଲା । ଅତାବିରା ବ୍ଲକ୍‌ର ପୋଡ଼ବାଡ଼ି ଆର୍ ଭେଡ଼େନ୍ ବ୍ଲକ୍‌ର ଲୁପୁର୍‌ସିଂହା ନ ଥିବା ମାହେଶ୍ୱରୀ ପୀଠ ନ ଭିଲ୍ ଷୁଲ୍‌ହ ପୂଜା ବିସର୍ଜନ୍ ହେଇଛେ । ଭଟଲି ବ୍ଲକ୍‌ର କମ୍‌ଗାଁର୍ ରଣେଶ୍ୱର୍ ରାମଚଣ୍ଡୀ ପୀଠ ନ ଭିଲ୍ ଦଶ୍‌ରାପୂଜା ଉଦ୍‌ଯାପିତ୍ ହେଇଯାଇଛେ । ଝାର୍‌ବନ୍ଧ୍ ବ୍ଲକ୍‌ର ବଡ଼ଅନ୍‌କି ନ ଥିବାର୍ ବିନ୍ଧ୍ୟବାସିନୀ ପୀଠ ନ ଦଶ୍‌ରା ଅବ୍‌ସରେ ୧୨ ଭାଇ ବେଂଟକାର୍‌ମାନ୍‌କର୍ ଚାନଟିପା ଆର୍ କର୍‌ମା ନାଚ୍ ହେଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଇ ବଛର୍ ୭୭ ଟା ମଣ୍ଡପ୍‌ଥି ଦେବୀଙ୍କର୍ ପୂଜା କରାଯାଉଛେ । ଆଏଜ୍ ମଣ୍ଡପ୍‌ମାନ୍‌କୁ ଅପରାଜିତା ପୂଜା ହେଇଛେ । ଜିଲ୍ଲାର୍ ଖୋବ୍‌ଟେ ଜାଗା ନ ରାବଣ୍‌ପୁଡ଼ି କରାଯାଉଛେ ।

ଦେବ୍‌ଗଡ଼୍ ଜିଲ୍ଲା ସଦର୍ ମହକୁମା ସହେତେ ରିଆମାଲ୍ ବାର୍‌କୋଟ୍ ଆର୍ ତିଲେଇବଣି ବ୍ଲକ୍ ଇଲାକା ନ ମଣ୍ଡପ୍‌ମାନ୍‌କୁ ବିଜୟା ଦଶ୍‌ମୀ ପୂଜା ହେଉଛେ । ଦଶ୍‌ରା ପରବ୍ ଲାଗି ଜାଗା ଜାଗା ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ଆର୍ ଖେଲ୍ ପ୍ରତିଯୋଗିତା ହେଉଥିବାର୍ ବେଲେ କେତେ ଜାଗା ନ ରାବଣ୍‌ପୁଡ଼ି କରାଯାଇଛେ ।

ଝାର୍‌ସୁଗୁଡ଼ା ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ରାବଣ୍‌ପୁଡ଼ି ଉତ୍ସବ୍ ମହାସମାରୋହଥି ପାଲିତ୍ ହେଇଯାଇଛେ । ଝାର୍‌ସୁଗୁଡ଼ା ସହର୍‌ର ମନ୍‌ମୋହନ୍ ସ୍କୁଲ୍ ପଡ଼ିଆ, ସର୍‌ବାହାଲ୍ ସ୍କୁଲ୍ ପଡ଼ିଆ, ବ୍ରଜରାଜନଗର୍‌ର ଗାନ୍ଧୀଛକ୍, ବେଲ୍‌ପାହାଡ଼୍ ଇଲାକା ନ ରାବଣ୍‌ପୁଡ଼ି ଉତ୍ସବ୍ ହେଇଯାଇଛେ । ସେନ୍ତା କୁଲାବିରା, ଫଂଚ୍‌ପଡ଼ା ସହେତେ ଭିନ୍ ଭିନ୍ ଇଲାକା ନ ବଏଲ୍ ଯାତ୍ରା ଭିଲ୍ ହେଇଯାଇଛେ ।

କାର୍ତିକ ନୀତି -ପୁରୀ ଶ୍ରୀମନ୍ଦିର୍      ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଦଶ୍‌ରା ଉଜଲ୍‌ପଖର୍ ଏକାଦଶୀ ତିଥିନୁ କାର୍ତିକ ନୀତି ମୁଲ୍ ହେବା । ଇ ଅବ୍‌ସରେ ଶ୍ରୀବିଗ୍ରହଙ୍କୁ ରାଧାଦାମୋଦର ବେଶଥି ସଜାଯିବା । ମାସେତକ୍ ଫି’ ଦିନ ମାହାପୁରୁମାନ୍‌କର୍ ରାଧାଦାମୋଦର

ବେଶ ରହେବା । ହେଲେ କାର୍ତିକ୍ ନୀତିର୍ ପଂଚ୍କ ସମିଆଥି ମାହାପୁରୁମାନ୍କର୍ ସ୍ୱତନ୍ତ୍ର ବେଶ ହେବା । କାର୍ତିକ୍ ନୀତି ଅବ୍ସରେ ଫି’ ଦିନ ପହପହର୍ ୪ ବଜୁ ଦ୍ୱାରଫିଟା ନୀତି ହେଇକରି ରାତି ୧୨ ବଜେ ରାତ୍ରପହୁଡ଼ ନୀତି କରାଯିବା । କାର୍ତିକ୍ ବ୍ରତର୍ ଲାଗି ଶ୍ରୀକ୍ଷେତ୍ର ପୁରୀ ନ ହବିଷ୍ୟାଳି ମା’ ମାନ୍କର୍ ଲାଗି ସବୁପ୍ରକାରର୍ ସୁବିଧା କରାଯାଇଛେ ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ ଆହୁରି କହିଛନ୍ ଯେ, ଏତ୍କର ପୁରୀ ଶ୍ରୀମନ୍ଦିର୍ ନ ଭକ୍ତମାନ୍କୁ ମାହାଲିଆ ମହାପ୍ରସାଦ୍ କୁଡୁଆ ମିଲ୍ବା । ହେଥିର୍ଲାଗି ରାଜ୍ୟ ସର୍କାର୍ ଖୋବ୍ ଜଲ୍ଦି ଗୁଟେ ଯୋଜ୍ନା ମୁଲ୍ କର୍ବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ କଟକ୍

ଦୁର୍ଗପୂଜା ଭସାଣି ଆର୍ ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଗୁରୁତ୍ୱପୂର୍ଣ୍ଣ ସର୍କାରୀ କାମ୍ ଥିବାର୍ନୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଇ ବାବ୍ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ବିଜ୍ଞପ୍ତିଥି କୁହାଯାଇଛେ ।

ରତ୍ନଭଣ୍ଡାର୍-ଜିପିଆର୍ ସର୍ଭେ ରିପୋର୍ଟ ହି.ସ.

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ଜିପିଆର୍ ସର୍ଭେ ରିପୋର୍ଟ ୨ /୪ ଦିନ୍ ଭିତ୍‌ରେ ଆଏବା ଆର୍ ତାର୍ ଉତାରୁ ସର୍‌କାର୍ ପରବର୍ତୀ ନିଷ୍ପତି ନେବେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ସେ କହିଛନ୍ ଯେ, ଯଦି ଜିପିଆର୍ ସର୍ଭେ ରିପୋର୍ଟ୍‌ଥି଼ ଚଟାନ୍ ତଲେ କି କାନ୍ଥି ଭିତ୍‌ରେ ମୂଲ୍ୟବାନ୍ ରତ୍ନ ଥିବାର୍ ଆର୍ କେନ୍‌ସି ସୁଡ଼ଙ୍ଗ୍ ଥିବାର୍ ସୂଚ୍‌ନା ଆଏବା ତାହେଲେ କାଣା କରାଯିବା ଯେ ସର୍‌କାର୍ ନିଷ୍ପତି ନେବେ । ଯଦି ରିପୋର୍ଟ୍‌ଥି଼ ହେନ୍ତା କିଛି ନାଇଁଥାଏ ବେଲେ ଏଏସ୍‌ଆଇ ଟିମ୍ ମରାମତି କାମ୍ ମୁଲ୍ କରିକରି ଯେତ୍‌କି ଜଲ୍‌ଦି ହେବା ସାର୍‌ବେ । ତାର୍ ଉତ୍‌ରୁ ରତ୍ନ ମାନ୍‌କୁ ରତ୍ନଭଣ୍ଡାର୍‌କେ ନେଇକରି ଗଣତିମଣତି କରାଯିବା ବଲି ଆଇନ୍‌ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-ବଲାଙ୍ଗିର୍ ହି.ସ.

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ବଲାଙ୍ଗିର୍ ଜିଲ୍ଲାର୍ ପାଟ୍‌ନାଗଡ୍ ବନରେଞ୍ଜ୍‌ର ବୁଢ଼ାରଜା ପାହାଡ୍‌ଥି଼ ଗଛ୍‌ଲଗା କାର୍ଯ୍ୟକ୍ରମ୍‌ର ସର୍‌ଜମିନ୍ ତଦାରଖ୍ କରିଛନ୍ ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଚାଲି ଚାଲି ପାହାଡ଼୍ ବୁଲିକରି ଲଗାଯାଇଥିବାର୍ ଗଛ୍ ମାନ୍‌କର୍ ଥିତି ଦେଖିଥିଲେ ।

ପିଏମ୍ ଇଂଟର୍ନସିପ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ଇଂଟର୍ନସିପ୍ ଯୋଜ୍‌ନାର୍ ଆବେଦନ୍ ପ୍ରକ୍ରିୟା ଗଲାକାଏଲ୍‌ନୁ ମୁଲ୍ ହେଇଛେ । ଇଚ୍ଛୁକ ପ୍ରାର୍ଥୀମାନେ ଇ ମାସର୍ ୨୫ ତାରିଖ୍‌ତକ୍ www.pminternship.mca.gov.in ପୋର୍ଟାଲ୍ ଜରିଏ ଆବେଦନ୍ କରିପାର୍‌ବେ । ଇ ଇଂଟର୍ନସିପ୍ କାର୍ଯ୍ୟକ୍ରମ୍‌ର ସମିଆ ୧୨ ମାସ୍ ଧାରିଜ୍ କରାଯାଇଛେ । ୨୧ ନୁ ୨୪ ବରସ୍ ବୟସ ବର୍ଗର୍ ୧ କୋଟି ପ୍ରାର୍ଥୀଙ୍କୁ ୫ ବରସ୍ ଭିତ୍‌ରେ ଇଂଟନ୍‌ସିପ୍ ଯୁଗେଇ ଦେବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଇ ଯୋଜ୍‌ନା ଅଧୀନ୍‌ଥି ପ୍ରାର୍ଥୀମାନ୍‌କୁ ମାସ୍‌କ ୫ ହଜାର୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଦିଆଯିବା । ଇତାର୍ ବାହାରେ ଇଂଟର୍ନସିପ୍ ଜାଗା ନ ଯୋଗ୍ ଦେବାର୍ ଉତ୍‌ରୁ ଫି’ ପ୍ରାର୍ଥୀଙ୍କୁ କର୍ପୋରେଟ୍ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଆନୁସାଙ୍ଗିକ କାର୍ଯ୍ୟ ଲାଗି ଏକମୁସ୍ତ୍ କରି ୬ ହଜାର୍ ଟଙ୍କା ଦେବାର୍ ବ୍ୟବସ୍ଥା କରାଯାଇଛେ । ୫ ବରସ୍ ଭିତ୍‌ରେ

ଶ୍ରେଷ୍ଠ ୫ ଶହ କମ୍ପାନୀ ୧ କୋଟି ଯୁବବର୍ଗଙ୍କୁ ଇ ଯୋଜ୍‌ନାଥି ସାମିଲ୍ କର୍‌ବାର୍ ଲକ୍ଷ୍ୟ ରଖିଛେ ।

ଜରୁରୀକାଲୀନ ଗର୍ଭନିରୋଧକ ବଟିକା   ଆର୍‌ଏନ୍‌ୟୁ /ସମ୍ବଲପୁର

ଜରୁରୀକାଲୀନ ଗର୍ଭନିରୋଧକ ବଟିକା - ଇସିପିର ବଜାର୍‌ଥି ବିକ୍ରିକେ ନେଇକରି ସିଡ଼ିଏସ୍‌ସିଓ ନିୟମ୍‌ଥି ପ୍ରସ୍ତାବିତ୍ ପରିବର୍ତନ୍‌କେ ନେଇକରି ଗଣମାଧମ୍‌ଥି ବାହାରିଥିବା ଖବର୍ ବାବ୍‌ଦେ ସ୍ୱଷ୍ଟିକରଣ୍ ଦିଆଯାଇଛେ । ଇସିପିର ଆଇ. ପିଲ୍ କି ଅନ୍‌ୱାଂଟେଡ୍ -ସେଭେନ୍‌ଟି ଟୁ ଉଷୋକେ ଅଣପ୍ରେସ୍‌କିପ୍‌ସନ୍‌ନୁ ପ୍ରେସ୍‌କିପ୍‌ସନ୍ ବର୍ଗକେ ବଦ୍‌ଲାବାର୍ କେହେନି ପ୍ରସ୍ତାବ୍ ନାଇଁନ ବଲି ସ୍ୱଷ୍ଟ କରାଯାଇଛେ ।

ବିଶ୍ୱ ଖାଦ୍ୟ ଦିବସ୍        ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲାର୍ ପାଇକ୍‌ମାଲ୍‌ର ନୃସିଂହନାଥ ଠାନେ ଆଏବା ୧୫ ଆର୍ ୧୬ ଦୁଇଦିନ୍ ଧରିକରି ବିଶ୍ୱ ଖାଦ୍ୟ ଦିବସ୍ ପାଲନ୍ ଅବ୍‌ସରେ ଦେଶୀ ବିହନ୍ ଆର୍ ଦେଶୀ ଖାଏବାର୍ ଦରବ୍‌ର ପ୍ରଦର୍ଶନୀ ସଙ୍ଗେ ଆଲୋଚନା ଚକ୍ର ହେବା ।

ବିଶାନ୍‌ମୁକ୍ତ ଖାଦ୍ୟ ଆର୍ ଋଣମୁକ୍ତ ଚାଷ୍‌କେ ତହଁକାବାର୍ ଲାଗି ଇ କାର୍ଯ୍ୟକ୍ରମ୍ କରାଯାଉଛେ । ଇଥି ରାଜ୍ୟ ଆର୍ ରାଜ୍ୟବାହାରୁ ଦେଶୀ ଚାଷୀ ଗବେଷକ ବିହନ୍ ସଂରକ୍ଷକ ଆର୍ କୃଷି ବୈଜ୍ଞାନିକ୍‌ମାନେ ଯୋଗ୍ ଦେବେ ବଲି ଆୟୋଜକ ଅହିଂସା କ୍ଲବ୍‌ର ସମ୍ପାଦକ୍ ଶିବପ୍ରସାଦ୍ ସାହୁ ସୂଚ୍‌ନା ଦେଇଛନ୍ ।

ବଜ୍ରକାପ୍ତା ଉଦ୍ଧାର୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ନ ଜାତୀୟ ରାଜପଥ ତରାନୁ ଜଙ୍ଗଲ୍ ବିଭାଗ୍‌ର କର୍ମଚାରୀମାନେ ଗୁଟେ ବଜ୍ରକାପ୍ତା ଉଦ୍ଧାର୍ କରିଛନ୍ । ୩ କେଜି ୩ ଶହ ୫୦ ଉଜନ୍ ଆର୍ ୩ ଫୁଟ୍ ଲମ୍ବା ବଜ୍ରକାପ୍ତାର୍ ଚିକିତ୍ସା ଉତ୍‌ରୁ ଜଙ୍ଗ୍‌ଲେ ଛଡ଼ାଯିବା ବଲି ଜଙ୍ଗଲ୍ ବିଭାଗ୍ ଅଧିକାରୀ କହିଛନ୍ ।

ମୌସୁମୀ      ଆର୍‌ଏନ୍‌ୟୁ/ କଟକ୍

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏବା ମଙ୍ଗଲ୍‌ବାର୍‌ତକ୍ ଓଡ଼ିଶାନୁ ଫିର୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ବଛର୍ ସ୍ୱାଭାବିକ୍

ସମିଆର୍ ୪ ଦିନ୍ ଆଘୋନୁ ମୌସୁମୀ ଓଡ଼ିଶା ପୁହୁଁଚିଥିଲା । ଇ ବଛର୍ ମୌସୁମୀ ଋତୁଥି ଜୁନ୍ ୧ ତାରିଖ୍‌ନୁ ସେପ୍ଟେମ୍ବର୍ ମାସର୍ ଶେଷ୍‌ତକ୍ ୧୧ ଟା ଲଘୁଚାପ୍ କ୍ଷେତ୍ର ହେଇଥିଲା । ଇତାର୍ ପ୍ରଭାବ୍‌ଥି ରାଏଜେ ୧ ହଜାର୍ ୯୨ ମିଲିମିଟର୍ ବର୍ଷା ହେଇଥିଲା । ଯେନ୍‌ଟାକି ସ୍ୱାଭାବିକ୍ ବର୍ଷାନୁ ୫ ପ୍ରତିଶତ୍ କମ୍ ଥିଲା । ରାଜ୍ୟର୍ ୨୪ ଟା ଜିଲ୍ଲା ନ ସ୍ୱାଭାବିକ୍ ବର୍ଷା ହେଇଥିବାର୍ ବେଲେ ୪ ଟା ଜିଲ୍ଲା ନ କମ୍ ବର୍ଷା ହେଇଥିଲା ।